## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୭୨ରୁ ୨ଟି ଅଭିଯୋଗର ତ୍ୱରିତ ସମାଧାନ



ରାଇରଙ୍ଗପୁର, ୯।୨(ସମିସ): ବାମନଘାଟୀ ଉପଖଣ୍ଡସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରବୀନ୍ଦ୍ର କୁମାର ମାର୍ଣ୍ଡି ପ୍ରମୁଖ ଯୋଗଦେଇ ୭୨ଟି ଅଭିଯୋଗରୁ ୨ଟି ତ୍ୱରିତ ସମାଧାନ କରାଯାଇଛି। ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କଠାରୁ ଆସୁଥିବା ଅଭିଯୋଗର ତ୍ୱରିତ ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି।

ଆଜି ଆୟୋଜିତ ଶିବିରରେ ୭୨ଟି ଅଭିଯୋଗ ଗ୍ରହଣ ହୋଇଥିଲା। ଏଥିରେ ୫୫ଟି ବ୍ୟକ୍ତିଗତ ଓ ୧୭ଟି ସାମୂହିକ ଅଭିଯୋଗ ଥିଲା। ଏଥିମଧ୍ୟରୁ ୨ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଆବେଦନର ଗୁରୁତ୍ୱକୁ ବିଚାର କରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୩୦, ୦୦୦ ଟଙ୍କା ଓ ଅନ୍ୟ ଜଣଙ୍କୁ ୧୦, ୦୦୦ ଟଙ୍କା ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ଅଭିଯୋଗ ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶିବିରରେ ବାମନଘାଟି ଉପଖଣ୍ଡ ଅଧୀନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ବିଭିନ୍ନ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ମାର୍ଚ୍ଚ ୮ରୁ ଜଗନ୍ନାଥ ମିସ୍ତ୍ରି ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ



ବାରିପଦା, ୯।୨(ସମିସ): ମୟୂରଭଞ୍ଜ ଫୁଟବଲର ପୂର୍ବ ଗୌରବ ଫେରାଇ ଆଣିବା ଉଦ୍ଦେଶ୍ୟରେ ଫୁଟବଲର କିମ୍ବଦନ୍ତୀ ପୁରୁଷ ଜଗନ୍ନାଥ ମିସ୍ତ୍ରିଙ୍କ ସ୍ମୃତିରେ ଦ୍ୱିତୀୟ ବାର୍ଷିକ ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ବୈଠକ ସ୍ଥାନୀୟ ମଧୁବନ ପଡ଼ିଆରେ ଫୁଟବଲ ଖେଳାଳି ଅସିତ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ନିଷ୍ପତ୍ତି ଅନୁଯାୟୀ ମାର୍ଚ୍ଚ ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଉକ୍ତ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ପାଇଁ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ପ୍ରୀତିଶ ବସା ମୁଖ୍ୟ ପୃଷ୍ଠପୋଷକ, ଅସିତ ପତି ଅଧ୍ୟକ୍ଷ, ଜୀବନ ସାହୁ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସଭାପତି, ପ୍ରଦୀପ ମହାନ୍ତି ଓ ପ୍ରଶାନ୍ତ ବେହେରା ଉପାଧ୍ୟକ୍ଷ, କୁମାର ପଣ୍ଡା, ବନବିହାରୀ ମତଗଜ ଓ ବିଜୟ ଦାସ ଉପସଭାପତି, ଅଶୋକ ମିସ୍ତ୍ରୀ ସାଧାରଣ ସମ୍ପାଦକ, କଳିଙ୍ଗ କେଶରୀ ଜେନା ସମ୍ପାଦକ, ଅମର ସେଠୀ ସଂଗଠନ ସମ୍ପାଦକ, ଜୟନ୍ତ ନାଏକ, ରାଜୀବ ଜେନା, ହରପ୍ରସାଦ ପାତ୍ର ଓ ଅବନୀ ମହାନ୍ତି ସହସମ୍ପାଦକ, ଶ୍ରବଣ ମିସ୍ତ୍ରୀ କୋଷାଧ୍ୟକ୍ଷ, ମହାଦେବ ପାତ୍ର ସହକାରୀ କୋଷାଧ୍ୟକ୍ଷ୍ୟ, ନରୋତ୍ତମ ପାଣିଗ୍ରାହୀ, କପିଳ ଖଣ୍ଡେୱାଲ, ମଳୟ ଜେନା, ପ୍ରଦୀପ ମିସ୍ତ୍ରୀ, କଲ୍ୟାଣ ସିହ୍ନା, ସନ୍ତୋଷ ବରଜ, ସୋମନାଥ ସିଂହ ଗଣମାଧ୍ୟମ ପ୍ରମୁଖ ଭାବେ ମନୋନୀତ ହୋଇଛନ୍ତି। ବିନୋଦ ସିଂହବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉପେନ୍ଦ୍ର ବେହେରାଙ୍କ ସ୍ମୃତିଚାରଣ ସଭା

ବୈଶିଙ୍ଗା, ୯।୨(ସମିସ): ବେତନଟୀ ବ୍ଲକ ଅଧୀନ ବାଳିକା ହାଇସ୍କୁଲର ପୂର୍ବତନ ସମ୍ପାଦକ ଉପେନ୍ଦ୍ର ବେହେରାଙ୍କ ସ୍ମୃତିଚାରଣ ସଭା ପ୍ରଧାନଶିକ୍ଷକ ରଞ୍ଜନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ଜିଲ୍ଲା ସମ୍ପାଦକ କିଶୋର ଆଚାର୍ଯ୍ୟ, ଓଷ୍ଟାର ବ୍ଲକ ସଭାପତି ଶିଶିର ନାୟକ, ସହସମ୍ପାଦକ ଭବାନୀଶଙ୍କର ବାଗ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଗ୍ରାମବାସୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ହରେକୃଷ୍ଣ ବାରିକ, କାହ୍ନୁ ଚରଣ ସିଂହ, ନାରାୟଣ ଦାସ, ପ୍ରତାପ ଖିଲାର, ଜଗନ୍ନାଥ ପରିଡ଼ା, ବାବୁରାମ ଦାସ, ଜଳଧର ସିଂହ, ଅର୍ଜୁନ ପାଣି, ବାଇଧର ବାରିକ, ବିଶେଶ୍ୱର ସିଂହ, ନରେନ୍ଦ୍ର ଗୁହ, ଶିକ୍ଷକ ନିହାର କାନ୍ତି ବେହେରା, ନିରଞ୍ଜନ ବେଜ, ହରେନ୍ଦ୍ର କର, ସୁଶାନ୍ତ ପଣ୍ଡା, ପର୍ଶୁରାମ ଦାସ, ସ୍ନେହଲତା ରାଉତ ପ୍ରମୁଖ ଯୋଗଦେଇ ବାଳିକା ହାଇସ୍କୁଲ ପ୍ରତିଷ୍ଠାରେ ଉପେନ୍ଦ୍ର ବେହେରାଙ୍କ ଯୋଗଦାନ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ଗଡ଼ିଗାଁ ବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ



ମୋରଡା, ୯।୨(ସମିସ): ଗଡ଼ିଗାଁ ବିଦ୍ୟାଳୟରେ ଦୁଇଦିନିଆ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗର ଅଭିଜ୍ଞ ବିଶେଷଜ୍ଞ ଯୋଗଦେଇ ଛାତ୍ରଛାତ୍ରୀ, ଅଭିଭାବକଙ୍କୁ ଭବିଷ୍ୟତରେ କେଉଁ ପାଠ୍ୟକ୍ରମ ଅଧ୍ୟୟନ କଲେ କେଉଁ କ୍ୟାରିୟର ସୁଯୋଗ ମିଳିପାରିବ, ସେଥିପାଇଁ ବିସ୍ତୃତ ଭାବେ ମାର୍ଗଦର୍ଶନ ଦେଇଥିଲେ। ଆଇଟି ଇଞ୍ଜିନିୟର ପ୍ରଷେନ୍ଦୁ ଜେନା, ମୋଟିଭେସନାଲ ସ୍ପିକର ଅମର ଭଞ୍ଜ, ମାନସ ବିଶ୍ୱାଳ, ରାକେଶ କର, ଲୋକେସନାଲ ଟ୍ରେନର ଜମିନୀକାନ୍ତ ମହାନ୍ତ, ରାଜରଞ୍ଜିତ ପାତ୍ର ଓ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଭାରତୀ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ହିନ୍ଦୀ ଶିକ୍ଷକ ହୃଷିକେଶ ପାତ୍ର ପରିଚାଳନା କରିଥିଲେ। ଶେଷ ଦିବସରେ ଛାତ୍ରଛାତ୍ରୀ ଏକ ଘରୋଇ ଇଞ୍ଜିନିୟରିଂ କଲେଜକୁ ଶିକ୍ଷାମୂଳକ ଭ୍ରମଣରେ ଯାଇଥିଲେ। ସେଠାରେ ଇଞ୍ଜିନିୟରିଂ ବିଭାଗର ବିଭିନ୍ନ ଶାଖା ପରିଦର୍ଶନ କରିଥିଲେ।

## ହାଇୱାକୁ ପଛରୁ ଧକ୍କା ଦେଇ ବାଇକ୍ ଚାଳକ ଗୁରୁତର

ବୈଶିଙ୍ଗା, ୯।୨(ସମିସ): ବୈଶିଙ୍ଗା-ମାଣତ୍ରୀ ରାସ୍ତାର ବଡ଼ାମ ଛକ ନିକଟରେ ଏକ ହାଇୱା ପଛରେ ବାଇକ ଧକ୍କା ହେବାରୁ ଚାଳକ ଗୁରୁତର ଆହତ ହୋଇଛନ୍ତି। ସିଙ୍ଗିଲା ମୁଣ୍ଡିଳି ଗ୍ରାମର ରାଧାମୋହନ ସିଂଙ୍କ ପୁଅ ରଞ୍ଜନ ସିଂ ବାଇକ ଯୋଗେ ବୈଶିଙ୍ଗାରୁ ଘରକୁ ଯିବା ରାସ୍ତାରେ ଭାରସାମ୍ୟ ହରାଇ ହାଇୱାକୁ ପଛରୁ ଧକ୍କା ଦେଇଥିଲେ। ରଞ୍ଜନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ବାରିପଦା, ୯।୨(ସମିସ): ରବିବାର ତୁଳସୀଚଉରା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପ' ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶୈଳେନ୍ଦ୍ର ନାରାୟଣ ଜ୍ୟୋତିଷୀ ଉଦ୍ଘାଟନ କରି ଶିଶୁ ଶିକ୍ଷାର ଭାରତୀୟ ଓ ପାଶ୍ଚାତ୍ୟ ସଙ୍କଳ୍ପନା ପ୍ରସଙ୍ଗରେ ଆଲୋକପାତ କରିଥିଲେ। ପ୍ରଧାନଆଚାର୍ଯ୍ୟ ସୁଧୀରକୁମାର ମହାନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରାନ୍ତ ପର୍ଯ୍ୟାୟର ପ୍ରମୁଖ ଅର୍ଚ୍ଚନା ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଭିଭାବକ/ ଅଭିଭାବିକା ଉପସ୍ଥିତ ଥିଲେ। ଶିଶୁଙ୍କ ଦ୍ୱାରା ପ୍ରାୟୋଗିକ କାଳାଂଶ ହୋଇଥିଲା। ଏଥିରେ ସୁମନ୍ତ ଗୁରୁଜୀ, ସବିତା ଗୁରୁମା, ଶିଉଲି ଗୁରୁମା, ମାଣିକ ଗୁରୁମା, ଯାମିନୀ ଗୁରୁମା, ପାର ଦିଦି, ଟିକି ଦିଦି ପ୍ରମୁଖ ସହଯୋଗ କରିଥିଲେ।

## ରୋଟାରୀ କ୍ଲବ୍ ପକ୍ଷରୁ ହୁଇଲଚେୟାର ବଣ୍ଟନ



ବେତନଟୀ, ୯।୨(ସମିସ): ବେତନଟୀ ରୋଟାରୀ ଇଣ୍ଟରନ୍ୟାସନାଲ ୩୨୬୨ ପ୍ରୋଜେକ୍ଟ ମଦଦ୍ ଓ ରୋଟାରୀ କ୍ଲବ ବୃନ୍ଦପୁର ସେଣ୍ଟ୍ରାଲ ପକ୍ଷରୁ ପ୍ରଦତ୍ତ ଦୁଇଟି ହୁଇଲଚେୟାର ବାହାନଡା ଗ୍ରାମର ପୋଲିଓ ଆକ୍ରାନ୍ତ ଲକ୍ଷ୍ମୀଧର ନାୟକ ଓ ଉପରଖମାରୀ ଗ୍ରାମର ପକ୍ଷାଘାତ ରୋଗୀ ରବିକାନ୍ତ ମହାନ୍ତଙ୍କୁ ପ୍ରଦାନ କରାଯାଇଛି। ରୋଟାରୀ କ୍ଲବ୍ ସଭାପତି ଗିରିଧାରୀ ସାହୁ, ସମ୍ପାଦକ ରବୀନ୍ଦ୍ର ନାଥ ମିଶ୍ର, ପୂର୍ବତନ ସଭାପତି ବସନ୍ତ କୁମାର ମହାନ୍ତ, ଭଗୀରଥ ପଣ୍ଡିତ, ସଭାପତି ନିର୍ବାଚିତ ଶ୍ୟାମପ୍ରସାଦ ମାଝୁଆଲ ଓ ସଚ୍ଚା ପ୍ରକାଶ ବେହେରା, ଗ୍ରାମବାସୀ ଉପସ୍ଥିତ ଥିଲେ।

# ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବାରିପଦା, ୯।୨(ସମିସ): ସ୍ଥାନୀୟ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଦେବାସ୍ମିତା ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରତିରକ୍ଷା ମନ୍ତ୍ରାଳୟର



ଆଇନ ପରାମର୍ଶଦାତା ଡ. ପ୍ରଫୁଲ୍ଲ ବେହେରା ଯୋଗଦେଇ ନିଷ୍ଠା ଓ ଆତ୍ମବିଶ୍ୱାସ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ପୂର୍ବତନ ବିଧାୟକ କିଶୋର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ପାଠପଢ଼ା ସହ ସମାଜର ମଙ୍ଗଳ ପାଇଁ କୌଣସି ଭୁଲ ନିଷ୍ପତ୍ତି ବା ବିଚାରକୁ ଆଖିବୁଜି ନ ମାନି ତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ପରାମର୍ଶ ଦେଇଥିଲେ। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ସାମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ଖେଳ ଓ ଶ୍ରେଣୀ ଗୃହ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଗତବର୍ଷର ଟପର ତୁଷାର ମହାନ୍ତଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଇନ ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷା ବିଭାଗ ମୁଖ୍ୟ ସୁଜାତା ପାଲ ଧନ୍ୟବାଦ ଦେଇଥିଲେ।

**ବାରିପଦା:** ବାରିପଦାସ୍ଥ ଶାନ୍ତି ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ 'ପ୍ରତିବିମ୍ବ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ କମିଟି ସମ୍ପାଦକ



ରବୀନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ସମ୍ମାନିତ ଅତିଥି ଭାବେ ବାରିପଦା ଉପନଗରପାଳ ସୀମା ଦାସ, ଯୁବ ଛାତ୍ର ସଂଗଠନ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପ୍ରମୁଖ ଯୋଗ ଦେଇଥଲେ। ସ୍ଥାନୀୟ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ମଧୁସ୍ମିତା ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯିବା ସହ ଛାତ୍ରଛାତ୍ରୀଙ୍କ ପିତାମାତା, ଜେଜେମା ଜେଜେବାପାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ଅଭିଭାବକଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ଇତିଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ ଶାନ୍ତି ବିଦ୍ୟାମନ୍ଦିର, ୱାଲିଗଞ୍ଜ ଶାଖା ଓ ମୁର୍ଗାବାଡି ଶାଖା, ଶାନ୍ତି ନୃତ୍ୟ ଅନୁଷ୍ଠାନର ଛାତ୍ରଛାତ୍ରୀ ନୃତ୍ୟ ଶିକ୍ଷକ ଦେବାନନ୍ଦ ପାତ୍ର ଓ ନରେନ ପାତ୍ରଙ୍କ ସଂଯୋଜିତ ବିଭିନ୍ନ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଖୁସି କୁମାର ଓ ଆର୍ଯ୍ୟାଶ୍ରୀ ନାୟକ ପରିଚାଳନା କରିଥିଲେ। ଜ୍ୟୋତ୍ସ୍ନାରାଣୀ ପ୍ରୁଷ୍ଟି, ଶୁଭଶ୍ରୀ ସାହୁ, ତନୟା ଦେଓ, ପାୟଲ ପଣ୍ଡା, ମୌସୁମୀ ସାହୁ, ଦୀପାଳୀ ଦତ୍ତ, ନିହାରିକା ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ।

**ବୈଶିଙ୍ଗା:** ବେତନଟୀ ବ୍ଲକ ଅଧୀନସ୍ଥ ଖଇରବଣି ଆଶ୍ରମ ବିଦ୍ୟାଳୟର ଊନବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗ ଦେଇଥିବାବେଳେ ଜିଲ୍ଲା ମଙ୍ଗଳ ଅଧିକାରୀ



ଗୁରୁଚରଣ ମଲ୍ଲିକ ପିଲାଙ୍କୁ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ ଜେନା, ପ୍ରଫୁଲ୍ଲ ସେଠୀ, ସ୍ମୃତିଲିପି ସାହୁ, ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଦନ ସିଂ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଗୁର୍ବା ମାଝୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ଉପଦେଶ ଦେଇଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଦେବେନ୍ଦ୍ର ପଣ୍ଡାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ପୁରାତନ ଛାତ୍ର ଲଳିତ ମହାନ୍ତ ଓ ଶିକ୍ଷୟିତ୍ରୀ ସବିତା ଦାସଙ୍କୁ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଚିତ୍ତାକର୍ଷକ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିଲା। ପ୍ରଧାନଶିକ୍ଷୟିତ୍ରୀ ବିନୀତା ଦାଶ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଶିକ୍ଷୟିତ୍ରୀ ସବିତା ଦାସ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଦିଲ୍ଲୀପ ସେଟ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟା ଉତ୍ସବକୁ ପରିଚାଳନା କରିଥିଲେ।

**ଉଦଳା:** ଶିମିଳିପାଳ ପାଦଦେଶରେ ଅବସ୍ଥାପିତ ମା' ଅମ୍ବିକାଙ୍କ ନିକଟସ୍ଥ କୁଣ୍ଡାବାଇ ଆର୍‌ଡିଏସ୍ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।




ଶିକ୍ଷା ହିଁ ପରିବର୍ତ୍ତନର ଅସଲି ଚାବିକାଠି, ଆଜିର ଏଆଇ ଦୁନିଆରେ ପାଠ ସହିତ କିପରି ନିଜର ବୁଦ୍ଧିମତ୍ତାକୁ ବ୍ୟବହାର କରି ସମାଜକୁ ଆଗକୁ ନେଇ ସମାଜର ଉନ୍ନତି ସାଧନ କରାଯାଇପାରିବ, ସେ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ ଗିରି ସଭାପତିତ୍ୱ କରି ଅତିଥି ପରିଚୟ ପ୍ରଦାନ କରିବା ସହ ଉତ୍ତରୀୟ ଓ ଫଟୋ ଚିତ୍ର ଦେଇ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ, ମୁଖ୍ୟବକ୍ତା ଭାବେ ଢୋଲା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡ. ମାନବୀ ବନ୍ଦୋପାଧ୍ୟାୟ, ସ୍ୱତନ୍ତ୍ର ଅତିଥି ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ ରଣା, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ସିଏଚ୍‌ଏସ ନର୍ଥ ଜୋନ୍‌ର ଡ. ରାଜେଶ ପ୍ରଧାନ, ଉଦଳା ଥାନା ଭାରପ୍ରାପ୍ତ ଅଧିକାରୀ ବନମାଳୀ ବାରିକ ଯୋଗ ଦେଇଥିଲେ। ଜୁନିୟର ମହାବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ମୁଦୁଲି ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ମହାବିଦ୍ୟାଳୟର ସ୍ମରଣିକା ଦେବକୁଣ୍ଡ, ଏଟ୍‌ଏ ଗ୍ଲାନ୍ସ ଓ ଅଧ୍ୟାପକ ସୁଧାଂଶୁ ଶେଖର ଦାସମଙ୍ଗରାଜଙ୍କ ଲିଖିତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ କଳା, ବିଜ୍ଞାନରେ ମହାବିଦ୍ୟାଳୟର ସର୍ବୋଚ୍ଚ ନମ୍ବରପ୍ରାପ୍ତ କରିଥିବା ଛାତ୍ରଛାତ୍ରୀ ଓ ଅଣୁଜୀବ ବିଜ୍ଞାନରେ ବିଶ୍ୱବିଦ୍ୟାଳୟ ଟପ୍ପର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦବ୍ୟତୀତ ନୂତନ ଛାତ୍ରୀ ନିବାସ ଓ ବିଜ୍ଞାନାଗାର ଉଦଘାଟନ ହୋଇଥିଲା। ଅଧ୍ୟାପିକା ସୁନିତୀ ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ବାରିପଦା:** ସ୍ଥାନୀୟ ମହାରାଜପୁରଠାରେ ଅବସ୍ଥିତ ମହର୍ଷି ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁଲେଖିକା ଡ.



ପୁଷ୍ପରାଣୀ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ଆଇନ ସେବା ଅଧିକାରୀ ଡ. ପ୍ରଫୁଲ୍ଲ ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଉପାଧ୍ୟକ୍ଷା ସଂଘମିତ୍ରା ରାଉତ, ସମ୍ମାନିତ ଅତିଥି ଭାବେ ବାରିପଦାର ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମହର୍ଷି ମହେଶ ଯୋଗୀଙ୍କ ଶିଷ୍ୟ ତଥା ଏହି ବିଦ୍ୟାଳୟର ପ୍ରତିଷ୍ଠାତା ପଦୀପ ନାୟକ ଛାତ୍ରଛାତ୍ରୀଙ୍କୁ ମହର୍ଷିଙ୍କ ବାଣୀ ଓ ଚିନ୍ତାଧାରାକୁ ସରଳ ଭାବେ ବୁଝାଇ ସେହି ଅନୁଯାୟୀ ଭବିଷ୍ୟତରେ କାମରେ ଲଗାଇବାକୁ ପରାମର୍ଶ ଦେଇଥିଲେ। କୁନି ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଅର୍ଘ୍ୟରୁପା ଜେନା, ବର୍ଷା ସାହୁ, ଦୀପାଞ୍ଜଳି ବେହେରା, ରଶ୍ମିତା ମହାନ୍ତ ଓ ସମ୍ବିତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ ସିଦ୍ଧିରଞ୍ଜନ ଲେଙ୍କା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

**ବାରିପଦା:** ମହାରାଜପୁରସ୍ଥ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏଏମ)ର ୨୭ତମ ବାର୍ଷିକ ଉତ୍ସବ 'ଉତ୍କର୍ଷ' ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ପୁଷ୍ପରାଣୀ ପାତ୍ର ମୁଖ୍ୟବକ୍ତା, ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପଯୋଗୀ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ଇଣ୍ଡିଆନ ଲିଗାଲ ସର୍ଭିସରୁ ଅବସର ଗ୍ରହଣ କରିଥିବା ମୟୂରଭଞ୍ଜର ଡଃ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ସାମରିକ ବାହିନୀରେ ଆଇନ ପରାମର୍ଶ ତଥା ଅନ୍ତର୍ଜାତୀୟ କୋର୍ଟରେ ଭାରତର ପକ୍ଷ ରଖି ମୟୂରଭଞ୍ଜ, ଓଡ଼ିଶା ଓ ଦେଶ ପାଇଁ ଗୌରବ ଆଣିଦେଇଥିବାରୁ 'ଭୂମିପୁତ୍ର' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା, ପ୍ରବୀଣ ଖେଳାଳି ଅସିତ ପତିଙ୍କୁ 'ଭଞ୍ଜଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଖ୍ୟାତ ଗୀତିକାର,



ସମାଜସେବୀ ରାଇରଙ୍ଗପୁର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସୁନୀଲ କୁମାର ଜେନାଙ୍କୁ 'ଶିକ୍ଷାଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଉଟଡୋର ଓ ଇଣ୍ଡୋର ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଛାତ୍ର ଅବିନାଶ ଦାସ, ଜାତୀୟ ସେବା ଯୋଜନା ୟୁନିଟର ସର୍ବଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ହରିହର ମୁର୍ମୁଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ଅଧ୍ୟାପକ ସମ୍ମାନ ପାଇଥିଲେ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ରୂପମଞ୍ଜରୀ ବେହେରା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚ ସଂଯୋଜନା ଅଧ୍ୟାପିକା ଏନ୍. ବିଜୟଲକ୍ଷ୍ମୀ କରିଥିବାବେଳେ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**କପ୍ତିପଦା:** କପ୍ତିପଦା ବ୍ଲକ ଅନ୍ତର୍ଗତ ଫୁଲବାଡିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ ସୋରେନ, ମୁଖ୍ୟବକ୍ତା ଭାବେ କପ୍ତିପଦା କଲେଜର ଓଡ଼ିଆ ଅଧ୍ୟାପକ ସନ୍ତୋଷ ମହାନ୍ତି, ବିଆରସିସି ଘନଶ୍ୟାମ ସିଂ, ସିଆରସିସି ରଶ୍ମିତା



ଖିଲାର, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମହେଶ୍ୱର ଜେନା, ପୂର୍ବତନ ସରପଞ୍ଚ ନବକିଶୋର ଗିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ବିଦ୍ୟାଳୟ ଓ ବିଦ୍ୟାଳୟ ବାହାରେ ଶହ ଶହ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିଥିବା ବଡଖଲାଡି ଗ୍ରାମର ଶିକ୍ଷକ ଭୀମସେନ ସାହୁଙ୍କୁ 'ଶିକ୍ଷକ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ଲାନ ଇଣ୍ଡିଆ ସାମାଜିକ କର୍ମୀ ଆଶିଷ ମଲ୍ଲିକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ସୁବଳ ଶଙ୍ଖୁଆ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ସନ୍ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ସାରସକଣା:** ସାରସକଣା ବ୍ଲକ ଅନ୍ତର୍ଗତ ସୀମାନ୍ତ ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ପ୍ରହଲ୍ଲାଦ ଅଗସ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଇଯାଇଛି। ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା ଯୋଗଦେଇ



ଛାତ୍ରଛାତ୍ରୀଙ୍କୁ ମୟୂରଭଞ୍ଜର ଗୌରବ ବୃଦ୍ଧି କରିବା ସହିତ ନିଜକୁ ରାଜ୍ୟ ଓ ଜାତୀୟ ସ୍ତରରେ ପରିଚିତ କରିବାକୁ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଦୟାସିନ୍ଧୁ ପରିଡ଼ା, ଉପଦେଷ୍ଟା ମଣ୍ଡଳୀ ସଦସ୍ୟା ଡଃ ଧରିତ୍ରୀ ବେହେରା, ବିଶ୍ୱନାଥ ମହାନ୍ତ, ପ୍ରଦ୍ୟୁମ୍ନ ବସା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଅଧ୍ୟାପକ ଶିଶିର ପଟ୍ଟନାୟକ ଅତିଥି ପରିଚୟ ଓ ଉପଦେଷ୍ଟା ଅନୀଲ କୁମାର ଝା ବାର୍ଷିକ ବିବରଣୀ ପାଠ କରିଥିଲେ। ସେବାରେ ନିବୃତ୍ତ ରହି ମହାବିଦ୍ୟାଳୟରେ ସହଯୋଗ କରୁଥିବା ଅମୀୟ କୁମାର ଦ୍ୱାରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ଆରତୀ ହୋଙ୍କ ସଂଯୋଜନାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଲେଫ୍ଟନାଣ୍ଟ ନିହାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିବସରେ ନାଟ୍ୟ ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଅବିନାଶ ଦଣ୍ଡପାଟ ଯୋଗ ଦେଇଥିଲେ। ନାଟ୍ୟ ସଂସଦ ଉପଦେଷ୍ଟା ଡଃ ପ୍ରାଚୀପ୍ରଭା ପଢ଼ିଆରିଙ୍କ ସମେତ ଅନୀଲ କୁମାର ଝା, ରଞ୍ଜନ ମହାନ୍ତି ମଞ୍ଚାସିନ ଥିଲେ। ସହ ଉପଦେଷ୍ଟା ଡଃ ଜ୍ଞାନେନ୍ଦ୍ର ଧୀର, ଶରତ ପାଢ଼ିଆରୀ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

**ବଡ଼ସାହି:** ଯୋଗୀନୂଆଗାଁ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ନୂଆ ଉଜ୍ଜଳ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବଡ଼ସାହି



ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ବିଶିଷ୍ଟ ସମ୍ମାନିତ ଅତିଥି ଭାବେ ଅତିରିକ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ ଜେନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରିଣୀ ସ୍ମୃତିଲିପି ସାହୁ, ସିଆରସିସି ମିନତୀ ପଣ୍ଡା, ସରପଞ୍ଚ ଗୋପୀନାଥ ନାଏକ ଓ ସମିତି ସଭ୍ୟ ନବୀନ ମହାନ୍ତି, ପ୍ରଧାନଶିକ୍ଷକ ବିଶ୍ୱନାଥ ସହୁ ଓ ପ୍ରଦୀପ ଭୂୟାଁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର ପଣ୍ଡା, ଈଶ୍ୱର ଚନ୍ଦ୍ର ମହାନ୍ତ ଓ ଏସଏମସି ସଭାପତି ନାରାୟଣ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଜୟନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ବିଜୟ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ବଙ୍ଗକୁ ବେଧଡ଼କ ଚାଲିଛି ବାଲି ଚାଲାଣ

ଭୋଗରାଇ, ୯।୨ (ସମିସ)



ସୀମାନ୍ତ ସାହାବାଜିପୁରରେ ୨୪ଘଣ୍ଟିଆ ପୁଲିସ ପହରା ଦାବି

ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ପଶ୍ଚିମବଙ୍ଗ ଏବଂ ଓଡିଶା ସୀମାନ୍ତ ଅଞ୍ଚଳ ହୋଇଥିବା ବେଳେ ଉପକୂଳବର୍ତ୍ତି ଏହି ଅଞ୍ଚଳ ଦେଇ ବହୁ ସମୟରେ ଓଡ଼ିଶାର ବିଭିନ୍ନ ପ୍ରକାର ଜଙ୍ଗଲ ଜାତ ଦ୍ରବ୍ୟ ତଥା ଖଣିଜାତ ଦ୍ରବ୍ୟ ଚୋରା ପଶ୍ଚିମବଙ୍ଗକୁ ଚାଲାଣ କରାଯାଇଥାଏ। ଏହି ଭିତରେ କିନ୍ତୁ ସବୁଠାରୁ ବେଶୀ ବାଲି ଚୋରା ଚାଲାଣ ହେଉଥିବା ନଜରକୁ ଆସିଛି। ବାଲି ମାଫିଆମାନେ ସୀମାନ୍ତ ସାହାବାଜିପୁର ବଡର୍‌ର ଦେଇ ପ୍ରଶାସନକୁ ଉକ୍ରୋଚ ଦେଇ ଦିନ ରାତି ଶହ ଶହ ଡମ୍ପର ବାଲି ପଡ଼ୋଶୀ ପଶ୍ଚିମବଙ୍ଗକୁ ଚୋରା ଭାବରେ ଚାଲାଣ କରୁଛନ୍ତି। ଜିଲ୍ଲାର ବିଭିନ୍ନ ବାଲିଘାଟ ଯାହା କି ବର୍ତ୍ତମାନ ମଧ୍ୟ ବିନା ଲିଜ୍‌ରେ ସରକାରୀ ସମ୍ପତ୍ତି ଭାବରେ ରହିଛି। ସେଠାରୁ ବିନା କୌଣସି ଅଧିକାରୀଙ୍କ ସ୍ୱୀକୃତିରେ କୋଟି କୋଟି ଟଙ୍କାର ବାଲି ଚୋରା ହରିଲୁଟ କରାଯାଉଛି।

ବାଲେଶ୍ୱର ସଦର, ଜଳେଶ୍ୱର, ବସ୍ତା, ବାଲିଆପାଳ ଏବଂ ଭୋଗରାଇ ବ୍ଲକ ଅଧୀନରେ ଆସୁଥିବା ରାଜଘାଟ, ଶିଖରପୁର, ଗୋବରଘାଟା, ପାଲିଆ, ଭୋଗରାଇ ପରି ବହୁ ଘାଟରୁ ବାଲି ମାଫିଆ ମାନେ ବେଧଡକ ଭାବରେ ନିଜର ଚୋରା ସାମ୍ରାଜ୍ୟ ବିସ୍ତାର କରିଛନ୍ତି। ହେଲେ ପ୍ରଶାସନ ଏ ସବୁ ଜାଣି ମଧ୍ୟ ନିଦାବିଷ୍ଣୁଙ୍କ ଭଳି ଆଖି ବନ୍ଦ କରି ଅନନ୍ତ ଶୟନରେ ଶୋଇଛନ୍ତି। ସେହିପରି ଭୋଗରାଇ ବ୍ଲକର ଭୋଗରାଇ ଥାନା ଅନ୍ତର୍ଗତ ଦେଉଳା, ଅନଳିଆ, ସୋହରିଆ, ଜଳସୋହରିଆ, କଖଡ଼ା, ବାରବାଟିଆ, ନିମାତପୁର ଓ ତାଳସାରି ସାମୁଦ୍ରିକ ଥାନା ଅଧୀନ ସାହାବାଜିପୁର, ବରବରିଆ, ଗମ୍ଭାରୀଆ, ପଦ୍ମପୁର, ବିନ୍ଧାପଦ୍ମପୁର, କୃଷ୍ଣ ନଗର, କନ୍ୟା ନଗରୀ ମୌଜାର ଅନାବାଦୀ, ରାସ୍ତା, ଗୋଚର ଓ ଶ୍ମଶାନ କିସମ ଥିବା ସରକାରୀ ଜମିରୁ ଆଡ଼ିଆ ବାଲିକୁ ଜେସିବି ସାହାଯ୍ୟରେ ହାଣି ଡ଼ମ୍ପର ଓ ଟ୍ରାକ୍ଟର ଦ୍ୱାରା ଦିନରାତି ପଶ୍ଚିମବଙ୍ଗକୁ ବେଆଇନ ଭାବେ ଚୋରା ଚାଲାଣ ହେଉଛି। ସରକାରୀ ନିୟମ ଅନୁଯାୟୀ ଉକ୍ତ ସ୍ଥାନରୁ ବାଲି ଉଠାଇବା ବେନିୟମ କିନ୍ତୁ ବର୍ତ୍ତମାନ ମଧ୍ୟ ଉକ୍ତ ସ୍ଥାନରୁ ଖୁଲମଖୁଲା ଭାବରେ ଜମି ମଝିରେ ରାସ୍ତା ତିଆରି କରି ଜେସିବି ଓ ଡମ୍ପର ସାହାଯ୍ୟରେ ଟନ ଟନ ବାଲି ଚୋରି କରାଯାଉଛି। ହେଲେ ଖଣି ବିଭାଗ ନିରବଦ୍ରଷ୍ଟା ସାଜିଛି। ମାତ୍ର ୧ କିଲୋମିଟର ଦୂରରେ ପୁଲିସ ଷ୍ଟେସନ୍ ଥାଇ ମଧ୍ୟ ଅଧିକାରୀ ମାନେ କୌଣସି ପଦକ୍ଷେପ ନନେଇ ଚୁପ ରହୁଥିବାରୁ ବାଲି ମାଫିଆଙ୍କ ଆତଙ୍କ ଦିନକୁ ଦିନ ବଢିବାରେ ଲାଗୁଛି। ଏହି ପ୍ରକାର ଅବ୍ୟବସ୍ଥା ଖଣି ବିଭାଗ ଓ ପୁଲିସର ନିଷ୍ଠା ଉପରେ ପ୍ରଶ୍ନବାଚୀ ସାଜିଥିବା ବେଳେ ଅନ୍ୟ ପଟେ ଓଡ଼ିଶାର କଟକ, ଜଗତସିଂହପୁର, ଭଦ୍ରକ ଜିଲ୍ଲାରୁ ଆସୁଥିବା ନଦୀ ବାଲିର ଦର ଦିନକୁ ଦିନ ଆକାଶଛୁଆଁ ହେଉଛି। ପ୍ରତି ଡ଼ମ୍ପର ବାଲି ପ୍ରାୟ ୬୦ରୁ ୭୦ ହଜାର ପର୍ଯ୍ୟନ୍ତ ଦେଇ ଲୋକେ କିଣୁଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ କରି ବାଲି ଚୋରା ଚାଲାଣ କରୁଥିବା ମାଫିଆମାନଙ୍କ ଉପରେ ପ୍ରଶାସନ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଘର ତିଆରି ପାଇଁ କି ଅନ୍ୟ କୌଣସି ସାମୁହିକ କାର୍ଯ୍ୟ ପାଇଁ, ଗାଁ ଲୋକେ ଅନ୍ୟ କେହି ବି ଯଦି ବାଲି ନିଏ, ତା ଉପରେ ପ୍ରଶାସନ ହଜାର ହଜାର ଟଙ୍କାର ଦଣ୍ଡ ସହ ଗାଡି ତଥା ବାହାନ ମଧ୍ୟ ଜବତ କରୁଛନ୍ତି। ହେଲେ ଟନ୍ ଟନ୍ ବାଟରେ କରାଯାଉଥିବା ବାଲି ଚୋରା ଚାଲାଣକୁ ଅନ୍ଧ ଧୃତରାଷ୍ଟ୍ର ଭାବରେ ପ୍ରଶ୍ରୟ ଦେଇ ବାଲି ମାଫିଆଙ୍କ ସହ ମଧୁଚନ୍ଦ୍ରିକା ପୂର୍ବକ ରାଜ୍ୟ ସରକାରଙ୍କର କୋଟି କୋଟି ଟଙ୍କାର ବାଲି ଚୋରି ହେବାକୁ ଦେଉଛନ୍ତି। ଏ ନେଇ ବର୍ତ୍ତମାନ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନ ଯେ, ପ୍ରଶାସନ ମଝି ମଝିରେ ଯେଉଁ ମନଇଚ୍ଛା ବାଲି ଗାଡି ଜବତ କରୁଛନ୍ତି, ତାହା ପ୍ରକୃତରେ କାର୍ଯ୍ୟାନୁଷ୍ଠାନ ପାଇଁ ନା କେବଳ ଲୋକ ଦେଖାଣିଆ । ଅପରପକ୍ଷରେ ବାଲି, ପଥର ଚୋରି, ଅସାମାଜିକ କାର୍ଯ୍ୟ ଓ ଅନୁପ୍ରବେଶ ରୋକିବା ପାଇଁ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁର ବଡର୍‌ରରେ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଥିବା ପୁଲିସ ଚେକ ପୋଷ୍ଟକୁ ସୀମାନ୍ତ ଫାଟକ ରୂପେ କାର୍ଯ୍ୟରେ ଲଗାଯାଇ ସୀମାନ୍ତରେ ଯାଞ୍ଚ ଓ ୨୪ଘଣ୍ଟିଆ ପୁଲିସ ପହରା ପାଇଁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ସାଗର ସାଥୀ କ୍ଲବ, ବିଶ୍ୱ ସନାତନ କଲ୍ୟାଣ ସଂଘ ଓ ନବଜ୍ୟୋତି ଯୁବକ ସଂଘ ପକ୍ଷରୁ ଦାବି ହେଉଛି।

## ଅର୍ଦ୍ଧଦଗ୍ଧ ଶରୀରରେ ଯନ୍ତ୍ରଣା ଭୋଗୁଛନ୍ତି ସବିତା

### ● ଚିକିତ୍ସା ପାଇଁ ଅର୍ଥ ଅଭାବ, ସହାୟତା ନିବେଦନ

ଜଳେଶ୍ୱର ବ୍ଲକ, ୯।୨ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣନାଥ ପଞ୍ଚାୟତର ଗୋପ ଗ୍ରାମର ୪୬ ବର୍ଷୀୟ ସବିତା ହାଁସଦା ମକର ସଂକ୍ରାନ୍ତି ଦିନ ମାଟି ଚୁଲିରେ ଭାତ ରାନ୍ଧି ପେଜ ଗାଳିବା ସମୟରେ ପଛପଟ ଶାଢ଼ୀରେ ନିଆଁ ଲାଗିଯାଇ ତାଙ୍କର ଅଧା ଶରୀର, ବାମ ହାତ ଜଳିଯାଇଥିଲା। ଜଳେଶ୍ୱର ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭୋଲାଭଣ୍ଡାରି ଅନ୍ନଦାତା ପରିବାରର ମୁଖ୍ୟ ହରିଶଙ୍କର ପରିଡ଼ା ତାଙ୍କୁ ଜଳେଶ୍ୱର ଜିକେ ଭଟର ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ। ସେଠାରୁ ତାଙ୍କୁ ବାଲେଶ୍ୱର ରେମୁଣା ରେଫର କରାଯାଇଥିଲା। ଅର୍ଥ ଅଭାବରୁ ସେ ଉତ୍ତମ



ଚିକିତ୍ସା ହୋଇ ନ ପାରି ଘରେ ଏବେ କଷ୍ଟ ଭୋଗୁଛନ୍ତି। ସବିତା ଏକୁଟିଆ ରହୁଥିବାରୁ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ତେଣୁ ସବିତା ହାଁସଦା ସହାୟତା ପାଇଁ ସରକାର ଓ ପ୍ରଶାସନକୁ ଗୁହାରି କରିଛନ୍ତି।

## ବସ୍ତାରେ ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା



ରାଜଘାଟ, ୯।୨ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ଜାମଶୂଳିସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀରେ ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି ର ସଭାପତି ଭକ୍ତ ଚରଣ ଦାସଙ୍କ ଯୋଗଦାନ ଗସ୍ତ ସମୟରେ ଗାନ୍ଧୀ ଛକଠାରେ ବସ୍ତା ବ୍ଲକ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ପିସିସି ସଭାପତି ଗାନ୍ଧୀଜୀ ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କିଛି ସମୟ କର୍ମୀଙ୍କ ଗହଣରେ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପରେ ମୁକୁଳିସଠାରେ ପଞ୍ଚାୟତ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମୟରେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ଜିଲ୍ଲା କଂଗ୍ରେସ ପୁର୍ବତନ ସଭାପତି ସଂଜୀବ ଗିରି, ବରିଷ୍ଠ ନେତା ବିଜନ ନାୟକ, ସୁଦର୍ଶନ ଦାସ, ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା, ସମବାୟ ସଭାପତି ମନୋଜ କୁମାର ମହାନ୍ତି, ଜିଲ୍ଲା କଂଗ୍ରେସ କିଶାନ ସଭାପତି ଜୟନ୍ତ ମହାପାତ୍ର, ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ, ଅରୁଣ ଜେନା ପୁର୍ବତନ ସମିତି ସଭ୍ୟ ରବିନ୍ଦ୍ର ଦାସ, ଶନ୍ୟାଶୀ ସାହୁ, ଲକ୍ଷ୍ମୀଧର ସାମନ୍ତ, ଅଞ୍ଜଳି ପ୍ରଧାନ, ମଦନ ଭକ୍ତା ଓ ସରପଞ୍ଚ ଅମିତ୍ ବିଶାଳଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଓ ନେତୃତ୍ୱ ଉପସ୍ଥିତ ଥିଲେ।

## ରେମୁଣା ହାଇସ୍କୁଲ ୧୯୮୭ ବ୍ୟାଚ୍ ବନ୍ଧୁମିଳନ



ରେମୁଣା, ୯।୨(ସମିସ): ରେମୁଣା ଉଚ୍ଚ ବିଦ୍ୟାଳୟ ୧୯୮୭ ବ୍ୟାଚର ଛାତ୍ରଛାତ୍ରୀମାନଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସୁଧିର କୁମାର ଦାସଙ୍କ ସଂଯୋଜନାରେ ନରହରିପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀ ସ୍କୁଲ ଜୀବନର ସ୍ମୃତିକୁ ବଖାଣିବା ସହ ଦିବଙ୍ଗତ ଛାତ୍ର ନିତ୍ୟାନନ୍ଦ ନାୟକ, ରଜତ କୁମାର ବାରିକ, ତପନ କୁମାର ସାହୁ ଏବଂ ସତ୍ୟନାରାୟଣ ସାହୁଙ୍କୁ ମନେ ପକାଇଥିଲେ। ଏଭଳି କାର୍ଯ୍ୟକ୍ରମକୁ ପ୍ରତିବର୍ଷ ପାଳନ କରିବା ସହ ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ରଘୁନାଥ ପଣ୍ଡା, ଗଣେଶ ଚନ୍ଦ୍ର ମହାପାତ୍ର, ଶଶାଙ୍କ ଶେଖର ଦାଶ, ବିପିନ ବିହାରୀ ମିଶ୍ର ଏବଂ ପୂର୍ଣ୍ଣିମା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁଧାଂଶୁ ଶେଖର ମହାରଣା, ରବିନାରାୟଣ ପତି, ସରୋଜ ପ୍ରଧାନ, ସୁଜିତ ଦାସ, ଶରତ ପ୍ରଧାନ, ରଜତ ବେହେରା, ସଞ୍ଜୀବ ସାହୁ, ରଣଜିତ ପୋଥାଳ, ଅକ୍ଷୟ କମିଳା, କୃପାସିନ୍ଧୁ ନାୟକ, ଗିରୀଶ ଚନ୍ଦ୍ର ଦାସ, ସୃଷ୍ଟିଧର ବିନ୍ଧାଣୀ, କୃପାସିନ୍ଧୁ ପଣ୍ଡା, ସୁବାଶ ବେହେରା, ଗଦାଧର ଭୁକ୍ତା, କମଳାକାନ୍ତ ମହାନ୍ତି, ପ୍ରଦୀପ ତ୍ରିପାଠୀ, ବିନୋଦ ମହାନ୍ତି, ଭାଗିରଥି ଜେନା, ଅନାଦି ଚରଣ ପାତ୍ର, ରଶ୍ମିରେଖା ପାକଳ, ମଞ୍ଜୁଲତା ପଢ଼ୀଆରି, ସବିତା ବେହେରା, ବିନୋଦିନୀ ବେହେରା, ବାସନ୍ତୀ ରଣା, ମଞ୍ଜୁଲତା ମହାରଣା, ଶର୍ମିଳା ମିଶ୍ର ଏବଂ ଯଦୁନାଥ ଗିରି ପ୍ରମୁଖ ସପରିବାର ଉପସ୍ଥିତ ଥିଲେ।

## ରାଷ୍ଟ୍ରପତିଙ୍କଠୁ ସ୍ୱର୍ଣ୍ଣ ପଦକ ପୁରସ୍କାର ପାଇଲେ ଭାଗ୍ୟଶ୍ରୀ

ଭୋଗରାଇ, ୯।୨(ସମିସ): ଭୋଗରାଇ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ରାଜନୀତି ବିଜ୍ଞାନ ବିଭାଗର ସ୍ନାତକୋତ୍ତର ଛାତ୍ରୀ କୁମାରୀ ଭାଗ୍ୟଶ୍ରୀ ବେହେରା ଫକୀର ମୋହନ ବିଶ୍ୱ ବିଦ୍ୟାଳୟରେ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗରେ ସର୍ବାଧିକ ନମ୍ବର ସହିତ ଟପ୍ପର ହୋଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରୁ ସ୍ୱର୍ଣ୍ଣପଦକ ପାଇଛନ୍ତି। ଫକୀର ମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ଦ୍ୱାଦଶ ସମାବର୍ତ୍ତନ ସମାରୋହରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ବିଶ୍ୱ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ




ଦ୍ୱାରା ସ୍ୱୀକୃତ ବିଶ୍ୱବିଦ୍ୟାଳୟ ସ୍ତରରେ ରାଜନୀତି ବିଜ୍ଞାନ ବିଭାଗର ସ୍ନାତକୋତ୍ତର ଶ୍ରେଣୀର ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଭୋଗରାଇର କୁମାରୀ ଭାଗ୍ୟଶ୍ରୀ ବେହେରା ୨୦୨୫ ଶିକ୍ଷା ବର୍ଷ ପାଇଁ ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣ ପଦକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଗ୍ରହଣ କରିଛନ୍ତି। ଏହାଛଡା ସେ ଡ. ଶ୍ୟାମସୁନ୍ଦର ମହାପାତ୍ର ସ୍ୱର୍ଣ୍ଣ ପଦକ ୨୦୨୫ ଏବଂ ପ୍ରଦୀପ କୁମାର ନାୟକ ସ୍ମାରକୀ ସ୍ୱର୍ଣ୍ଣ ପଦକ ୨୦୨୫ ଓଡିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଠାରୁ ମଧ୍ୟ ଗ୍ରହଣ କରିଛନ୍ତି। ସୁଶ୍ରୀ ଭାଗ୍ୟଶ୍ରୀ ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତର ରାମଚନ୍ଦ୍ର ବେହେରା ଏବଂ କନକଲତା ବେହେରାଙ୍କର ଜ୍ୟେଷ୍ଠା କନ୍ୟା ଅଟନ୍ତି।

## ପ୍ରାତଃ ଭ୍ରମଣ ବେଳେ ବୃଦ୍ଧାଙ୍କ ବେକରୁ ଝାମ୍ପିନେଲେ ସୁନାହାର

ଜଳେଶ୍ୱର, ୯।୨(ସମିସ): ଜଳେଶ୍ୱର ଅଞ୍ଚଳରେ ଆଇନ ଶୃଂଖଳା ସୁଧିରିବାର ନାଁ ନେଉନାହିଁ। ସହର ମଧ୍ୟରେ ଚୋରା ବାଲି ଉତ୍ତୋଳନ ଓ ଚାଲାଣ ଜନିତ ବିଶୃଙ୍ଖଳା ବନ୍ଦ ହେଉନଥିବା ବେଳେ ଚେନ୍ ଛିନ୍ତାଇ ଘଟଣା ବାରମ୍ବାର ଘଟି ଚାଲିଛି। ଗତ ଶୁକ୍ରବାର ନୂଆ ବଜାର ମହିଳା ମହାବିଦ୍ୟାଳୟ ସନ୍ନିକଟ ସ୍ୱର୍ଗତ ଦେବେନାଥ ବାରିକଙ୍କ ସ୍ତ୍ରୀ ମଞ୍ଜୁଲତା ବାରିକ୍ (୬୫) ପ୍ରାତଃ ଭ୍ରମଣରେ ଯାଉଥିଲେ। ନମ୍ବର୍ ବିହୀନ ବାଇକ୍‌ରେ ଦୁଇ ଦୁର୍ବୃତ୍ତ ତାଙ୍କ ପାଖରେ ପହଞ୍ଚି କୌଶଳ କ୍ରମେ ଅଢେଇ ଭରି ଓଜନର ସୁନା ହାର ନେଇ ଛୁ ମାରିଛନ୍ତି। ପରିବାର ପକ୍ଷରୁ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଘଟଣା ସ୍ଥଳରେ ପହଂଚି ସିସି ଟିଭି ଆଧାରରେ ତଦନ୍ତ କରୁଛନ୍ତି। ସହର ମଧ୍ୟରେ ବହୁ ପୁରୁଣା ଛିନ୍ତାଇ ଘଟଣାର ପର୍ଦ୍ଦାଫାସ ହୋଇନଥିବା ବେଳେ ଏହି ଘଟଣା ଔପଚାରିକ ତଦନ୍ତରେ ସୀମିତ ରହିବ ନାଁ ଅପରାଧୀ ଧରାପଡିବେ ତାହା ସମୟ କହିବ। ତେଣୁ ଅତିରିକ୍ତ ସୁରକ୍ଷା ଦୃଷ୍ଟିରୁ ସୁନା ଅଳଙ୍କାର ପିନ୍ଧି ପଦାକୁ ବାହାରିବା ମନା ବୋଲି ସାଧାରଣରେ ବିଦ୍ରୁପ ହେଉଛି।

## ଦେୟମୁକ୍ତ ପାର୍କିଂ ସ୍ଥାନ ନିମନ୍ତେ ଷ୍ଟେସନ ମ୍ୟାନେଜରଙ୍କୁ ଦାବିପତ୍ର

ଜଳେଶ୍ୱର ବ୍ଲକ, ୯।୨ (ସମିସ): ସୋମବାର ଜଳେଶ୍ୱର ପଶ୍ଚିମ ବାଡ଼ ଟ୍ରେକର ଏବଂ ଟେମ୍ପୋ ଆସୋସିଏସନର ସମ୍ପାଦକ ଶିକ୍ଷାବିତ୍ ଡ. ଅଜିତ କୁମାର ମହାନ୍ତିଙ୍କ ପ୍ରତିନିଧିତ୍ୱରେ ସଭାପତି ବିଭୁରେନ୍ଦ୍ର ଦେ ଓ ଆଇନ ପରାମର୍ଶଦାତା ହାଇକୋର୍ଟର ଆଇନଜୀବୀ ରାମଚନ୍ଦ୍ର ଜେନା, ସୈଜାତ ଅଲ୍ଲୀ ସାହା, ଉମାଶଙ୍କର ଜେନା, ଯତିନ୍ଦ୍ର ସେନାପତି, ଗୋପାଳ ସେଠୀ, ଚନ୍ଦ୍ର ମୋହନ ଧଳ, ସଞ୍ଜୟ କୁମାର ବେହେରା, ଅମୂଲ୍ୟ କୁମାର ବେହେରା, ମଣ୍ଟୁ ଜେନା, ବେଲାଲ ଅଲ୍ଲୀ ସାହା, ବରେନ୍ଦ୍ର ଗିରି, ଶିବ ଶଙ୍କର ଆଗୁଆନ, କାର୍ତ୍ତିକ ଧାରଣ, ବାବୁଲି ପରିଡା, ଝାଡେଶ୍ୱର ସାହୁ, ସୀତାରାମ ଜେନା ପ୍ରମୁଖ ଉପସ୍ଥିତ ରହି ଡିଆରଏମଙ୍କ ଉଦ୍ଦେଶ୍ୟରେ ଷ୍ଟେସନ ମ୍ୟାନେଜରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦାବି ରଖାଯାଇଥିଲା ଫ୍ରୀ ପାର୍କିଂ ଷ୍ଟେସନ ବିପରୀତ ପାଶ୍ୱର୍ରେ ପଶ୍ଚିମ ବାଡ଼ ରାସ୍ତା ୪୬ ନମ୍ବର୍ କେବିନ୍ ନିକଟସ୍ଥ ୧୪୦ରୁ ଉର୍ଦ୍ଧ୍ୱ ଅଟୋ ଓ ଟଟୋ ରଖି ଆସୁଥିଲେ। ଏବେ ତୃତୀୟ ଲାଇନ କାମ ଚାଲୁଥିବା ଯୋଗୁଁ ରେଳ କର୍ମଚାରୀ ମାନେ ବିରୋଧ କରିବା ଯୋଗୁଁ ଟେମ୍ପୋ, ଟଟୋ ରହଣୀ ପାଇଁ ଏକ ଷ୍ଟାଣ୍ଡ ଆବଶ୍ୟକତା ପାଇଁ ଡିଆରଏମ୍‌ଙ୍କ ଉଦ୍ଦେଶ୍ୟରେ ଷ୍ଟେସନ ମ୍ୟାନେଜରଙ୍କ ନିକଟରେ ଦାବି ରଖାଯାଇଥିଲା। ଏଥିରେ ସମସ୍ତ ଅଟୋଚାଳକ ସଂଘ ପକ୍ଷରୁ ଦାବି ରଖାଯାଇଥିଲା।

## ଜାମଶୂଳୀ କଲେଜ ସୁବର୍ଣ୍ଣ ଜୟନ୍ତୀ ସମାରୋହର ତୃତୀୟ ଦିନ

କାଳିପଦା/ଲଙ୍ଗଳେଶ୍ୱର, ୯।୨ (ସମିସ): ସମାଜ ବିରୋଧୀ ପ୍ରବୃତ୍ତି ଯୁବପିଢ଼ିକୁ ଆଜି ଆଗକୁ ଯିବାକୁ ଦେଉନାହିଁ। ସତ୍ୟକୁ ସାମ୍ନା କରିବାର ସାହସ କାହାର ରହୁ ନାହିଁ। ଭଲ ମଣିଷ ହେବାର ଚିନ୍ତା ଆଜି ସୁଦୂର ପରାହତ। ଜୀବନ ସହିତ ସମୟର ମୂଲ୍ୟ ବୁଝିବା ମଧ୍ୟ ଅସାଧ ହୋଇଛି ବୋଲି ସୋମବାର ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ତୃତୀୟ ଦିନରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟଅତିଥି, ଜିଲ୍ଲା କଂଗ୍ରେସ କମିଟି ସଭାପତି ସତ୍ୟଶିବ ଦାସ ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ ଜାତୀୟ ପାର୍ବତା ରୋହୀ ପ୍ରସନ୍ନ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ମଞ୍ଚ ଆବାହନ, ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର ବିବରଣୀ, ଇପ୍ସିତା ପରିଡା ବେଦ ପାଠ, କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ କେତେ ଜଣ କଲେଜ ନିର୍ମାତାଙ୍କୁ ଜୟନ୍ତୀ କମିଟି ପକ୍ଷରୁ ସମ୍ମାନିତ କରାଯାଇ ଥିଲା। ପ୍ରାଧ୍ୟାପକ ଦେବବ୍ରତ ଦାସ, ସଂଗ୍ରାମ କେଶରୀ ନାୟକ, ନିର୍ମଳ ସାମଲ, ଶିବ ନାରାୟଣ ମହାପାତ୍ର, ସୁକାନ୍ତ କୁମାର ଗିରି, ଅଧ୍ୟାପକ ପରମା ନନ୍ଦ ମହାନ୍ତି, ମୁଖ୍ୟ କିରାଣୀ ଗୋପୀନାଥ ପଣ୍ଡା, ବଂଶୀଧର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଂରାଜୀ ଅଧ୍ୟାପକ ମୟୁଖ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।



## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ବାର୍ଷିକୀ

ନୀଳଗିରି, ୯।୨ (ସମିସ): ସତସଙ୍ଗ ବିହାର ରାଜ-ନୀଳଗିରି ଆନୁକୂଲ୍ୟରେ



ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ବାର୍ଷିକୀ ପାଳନ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ସତସଙ୍ଗ ବିହାରରୁ ଆଗତ ସୁରେନ୍ଦ୍ର ନାଥ ପଟ୍ଟନାୟକ, ରତିକ୍ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବରେ ଯାଜପୁର ସତସଙ୍ଗ ବିହାରର ବରିଷ୍ଠ ଋତ୍ୱିକ୍ ଅଚ୍ୟୁତାନନ୍ଦ ପତି ଯୋଗଦାନ କରି ଠାକୁରଙ୍କ ଗୁଣାବଳୀ ସୁନ୍ଦର ଭାବରେ ଆଲୋଚନା କରିଥିଲେ। ନୀଳଗିରି ସତସଙ୍ଗ ବିହାର ର ବରିଷ୍ଠ କର୍ମୀ ଭାଗବତ ପ୍ରସାଦ ପଣ୍ଡା, ରତିକ୍ ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ। ନାରାୟଣ ଚନ୍ଦ୍ର ସାମଲ ଯୋଗ ଦେଇ ପ୍ରେରଣା ପ୍ରଦାନ କରିଥିଲେ ଓ ସତସଙ୍ଗ ବିହାର ର ପରିଚାଳକ ଶ୍ରୀ ଗଂଗାନାରାୟଣ ସ୍ୱାଇଁ ରତିକ୍ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଶେଷ ଅତିଥି ଭାବରେ ଚନ୍ଦ୍ରବିନ୍ଦୁ ଦାସ ତାଙ୍କର ବହୁମୁଲ୍ୟ ଅଭିବ୍ୟକ୍ତି ରଖିଥିଲେ।

## ଜଳେଶ୍ୱର ମହୋତ୍ସବ ଉଦ୍‌ଯାପିତ

ଜଳେଶ୍ୱର, ୯।୨ (ସମିସ) : ବଡବଜାର ମେଳା ପଡିଆରେ ଦଶଦିନ ଧରି ଚାଲିଥିବା ଜଳେଶ୍ୱର ମହୋତ୍ସବର ଉଦ୍‌ଯାପନୀ ସଂଧ୍ୟାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ କୁଳପତି କୁମରବର ଦାସ ଯୋଗଦେଇ ମହୋତ୍ସବ ଦ୍ୱାରା ଉତ୍କର୍ଷତା, ଆତ୍ମୀୟତା, ଆକର୍ଷଣତା ଓ ଅସ୍ମିତା ବୃଦ୍ଧି ଘଟିଥାଏ ବୋଲି କହିଥିଲେ। ସ୍ଥାନୀୟ ଅଂଚଳର ବିକାଶ ଓ ସମସ୍ୟାର ସ୍ୱର ଏହି ମଞ୍ଚରୁ ଉଠୁଥିବା ବେଳେ କଳା, ସଂସ୍କୃତି, ଭାଇଚାରା ବୃଦ୍ଧି ସହିତ ଲୁଚିରହିଥିବା ପ୍ରତିଭାର ଉନ୍ମେଷ ହୋଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ଦେବୀପ୍ରସନ୍ନ ଚନ୍ଦ, ବରିଷ୍ଠ ନେତୃତ୍ୱ କନିଷ୍କ ବୋଧାସତ୍ୱ ଦାସ, ସଭାପତି ସମୀର ପାତ୍ର, କାର୍ଯ୍ୟକାରୀ



ସଭାପତି ଗୋବିନ୍ଦ ସାହୁ, ସୁଶାନ୍ତ ଦାସ, ଦିଲ୍ଲିପ ଗିରି, ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ଜିତାଂଶୁ ନନ୍ଦୀ, ଡ. ଅଜିତ୍ ମହାନ୍ତି, ଇଂ ରାମଚନ୍ଦ୍ର ସାହୁ, ଅଭିଜିତ୍ କରଣ, ସୁବ୍ରତ ରଣା, ସିଦ୍ଧାର୍ଥ ପାଳ, ରତ୍ନାକର ରାୟ, ସୁଧିର କର, ନବେନ୍ଦୁ ପ୍ରଧାନ, ସୁମତି ଦେ, ମଧୁଛନ୍ଦା ମହାନ୍ତି, ରଘୁ ମୁର୍ମୁ, ସୁନାରାମ କିସ୍କୁ, ଗୀତା ମୁର୍ମୁ ରତ୍ନାକର ହାଁସଦା ପ୍ରମୁଖ ମଂଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁଶାନ୍ତ ଦାସ ମଂଚ ଆହ୍ୱାନ କରିଥିବା ବେଳେ ବରିଷ୍ଠ କଳାକାର ରାଧାକୃଷ୍ଣ ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପାଣିରେ ବୁଡ଼ି ଶିଶୁକନ୍ୟା ମୃତ

ଖଇରା, ୯ ।୨ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ସାରକୋଣା ଗ୍ରାମ ପଞ୍ଚାୟତ ଅଧୀନ ସୁଜାଗଡ ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ୮ ବର୍ଷର କନ୍ୟା କାଜଲ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ରବିବାର ଅପରାହ୍ନରେ କାଜଲ ଖେଳୁଥିବା ବେଳେ ଅନ୍ୟ ମନସ୍କ ହୋଇ ପୋଖରୀ ହୁଡାରୁ ଖସିପଡି ବୁଡି ଯାଇଥିଲେ। ଖୋଜାଖୋଜି ପରେ ତାଙ୍କୁ ପାଣିରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

## ସିମୁଳିଆରେ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ

ଖଇରା, ୯ ।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ସିମୁଳିଆ ଭଗବତୀ ବିହାର ଆଶ୍ରମ ପରିସରରେ ୨ଦିନିଆ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଶୁଭାରମ୍ଭ ହୋଇ ଯାଇଛି। ରବିବାର ସଂଧ୍ୟାରେ ଋଷିପୁତ୍ର ମାନଙ୍କୁ ସ୍ୱାଗତ ଓ ଅଖଣ୍ଡଦୀପ ପ୍ରଜ୍ୱଳନ କରାଯାଇଥିଲା। ସୋମବାର ଅନାମ ଚରଣ ପଣ୍ଡାଙ୍କ ଦ୍ୱାରା ଧର୍ମଧ୍ୱଜା ଉତ୍ତୋଳନ ପରେ ମଶାଲ ଓ କଳସ ଶୋଭାଯାତ୍ରା ଶୂନ୍ୟମଣ୍ଡପରୁ ବାହାରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା। ସଂଧ୍ୟାରେ ଅଗ୍ନି ସ୍ଥାପନ ଓ ପାରାଦ୍ୱୀପରୁ ଆସିଥିବା ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଦୀପ କୁମାର ମହାନ୍ତି ଙ୍କ ଦ୍ୱାରା ପ୍ରବଚନ ପ୍ରଦାନ କରାଯାଇଥିଲା।

# ଖନ୍ତାପଡ଼ା ମେଡିକାଲ ୱାର୍ଡରେ ବୁଲା କୁକୁର

ବାଲେଶ୍ୱର, ୯।୨ (ସମିସ)

ସରକାର ସ୍ୱାସ୍ଥ୍ୟ ସେବା ଉପରେ ତୀକ୍ଷ୍ଣ ଦୃଷ୍ଟି ଦେଉଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ବାଲେଶ୍ୱର ଜିଲ୍ଲାରେ କେତେ ବେଳେ ରୋଗୀଙ୍କୁ ସରକାରୀ ମାଗଣା ଔଷଧ ବଣ୍ଟା ନ ଯାଇ ଫିଙ୍ଗା ଆଉ ପୋଡ଼ା ଯାଉଛି। ଆଉ ଏବେ ମେଡ଼ିକାଲ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାହାର ଜ୍ୱଳନ୍ତ ଚିତ୍ର ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସାମ୍ନାକୁ ଆସିଛି। ମେଡ଼ିକାଲରେ ସମସ୍ତେ ଡ୍ୟୁଟିରେ ଥାଇ ବି କାର୍ଯ୍ୟରେ ଅବହେଳା ଯୋଗୁଁ ମେଡ଼ିକାଲ ୱାର୍ଡ ଭିତରେ ବେଡ଼ ତଳେ କୁକୁର ବୁଲୁଛି । ସ୍ୱାସ୍ଥ୍ୟ ସେବାରେ ନିୟୋଜିତ କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳାର ବାସ୍ତବ ଚିତ୍ର ସାମ୍ନାକୁ ଆସିବା ପରେ ବିଭାଗୀୟ କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି।



ଖବର ଅନୁସାରେ ବାହାନଗା ବ୍ଲକ ଖନ୍ତାପଡ଼ା ଜାତୀୟ ରାଜପଥ ପାଶ୍ୱର୍ରେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାହାନଗା ବ୍ଲକ ସମେତ ରେମୁଣା ଏବଂ ଔପଦା ବ୍ଲକର ଲୋକେ ନିର୍ଭର କରିବା ସହ ପ୍ରତିଦିନ ଶତାଧିକ ରୋଗୀ ନିଜ ନିଜର ସ୍ୱାସ୍ଥ୍ୟ ଜନିତ ସମସ୍ୟା ପାଇଁ ମେଡ଼ିକାଲକୁ ଆସିଥାନ୍ତି। ମେଡ଼ିକାଲ ପରିସରରେ ସୁରକ୍ଷା ପାଇଁ ସିକ୍ୟୁରିଟିଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଏପରିସ୍ଥଳେ ଗତ ରବିବାର ସକାଳେ ମେଡ଼ିକାଲ ପରିସରରେ ମହିଳା ୱାର୍ଡରେ ଏକ କୁକୁର ଶୋଇବା ସହ ବେଡ଼ ତଳେ ବୁଲୁଥିବାର ଦେଖିବାକୁ ମିଳିଥିଲା। ବେଡ଼ ଉପରେ ଆଡ଼ମିସନ ହୋଇ ରୋଗୀ ଥିବା ବେଳେ ତଳେ କୁକୁର ଥିବାର ଦେଖିବାକୁ ମିଳିଥିଲା। ମେଡିକାଲରେ ସୁରକ୍ଷା କର୍ମୀଙ୍କ ସହ ନର୍ସ, ଡାକ୍ତର ଏବଂ ମେଡ଼ିକାଲ କର୍ମଚାରୀ ଥିବା ସ୍ଥଳେ କୁକୁର ପଶି ବୁଲିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ଛୋଟ ଶିଶୁଙ୍କ ଠାରୁ ଅନ୍ୟ ରୋଗୀ ମେଡିକାଲକୁ ଆସୁଥିବା ବେଳେ ମେଡିକାଲରେ କର୍ତ୍ତୃପକ୍ଷ ଏବଂ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ସାମ୍ନାକୁ ଆସିଛି। ଯଦି ମେଡିକାଲ ୱାର୍ଡ ଭିତରେ କୁକୁର କାମୁଡ଼ାରେ କିଏ ଶିକାର ହୁଏ, ତେବେ ଏଥିପ୍ରତି କିଏ ଦାୟୀ ରହିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ମେଡ଼ିକାଲ ୱାର୍ଡ ଭିତରେ କୁକୁର ଶୋଇବା ଏବଂ ବୁଲିବା ଘଟଣାରେ ରୋଗୀମାନେ ନିଜ ମୋବାଇଲରେ ଭିଡିଓ କଏଦ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ଼ା. ଧୀରେଶ କୁମାର ଷଡ଼ଙ୍ଗୀଙ୍କୁ ପଚାରିବାରୁ ସେ କୁହନ୍ତି ଏ ବାବଦରେ ଭିଡିଓରୁ ଦେଖିବା ପରେ ନିୟୋଜିତ ଥିବା ସୁରକ୍ଷାକର୍ମୀଙ୍କୁ ତାଗିଦ କରାଯିବା ସହ ପରବର୍ତ୍ତୀ ସମୟରେ ଏହାର ପୁନରାବୃତ୍ତି ନ ହେବା ଦିଗରେ ଦୃଷ୍ଟି ଦିଆଯିବ।

